ପ୍ରେସ ରିଲିଜ -

--------------

- ଓଡିଶାର ଜଳବାୟୁ କାର୍ଯକ୍ରମକୁ ସୁଦୃଢ କରିବାକୁ, ଜଷ୍ଟ ଏନର୍ଜି ଟ୍ରାଞ୍ଜିସନ ସମ୍ପର୍କରେ iForest ଦ୍ଵାରା ପ୍ରଥମ ଅନୁଧ୍ୟାନ ରିପୋର୍ଟ ପ୍ରକାଶିତ
- iForest ର ସଦ୍ୟ ରିପୋର୍ଟ - "ଅନୁଗୋଳ - ଜଷ୍ଟ ଏନର୍ଜି ଟ୍ରାଞ୍ଜିସନ ଓ ନୂତନ ସବୁଜ ଅର୍ଥନୀତି "-- ଜଳବାୟୁ ପରିବର୍ତନ ଓ ନିରନ୍ତର ବିକାଶ ଲକ୍ଷ୍ୟଧାର୍ଜ ପାଇଁ ଓଡିଶାର ବୃହତ କୋଇଲା ଖଣି ଅଂଚଳ ତଥା ଶିଳ୍ପାଞ୍ଚଳ ଅନୁଗୋଳ ପାଇଁ ଏନର୍ଜି ଟ୍ରାଞ୍ଜିସନ ଓ ସବୁଜ ଅର୍ଥନୀତି ଯୋଜନା ପ୍ରସ୍ତୁତି l
- ଆଗାମୀ 10ବର୍ଷରେ ଅନୁଗୋଳ ରେ 3ଗୁଣ ଅର୍ଥାତ 2033 ସୁଦ୍ଧା 300MMT କୋଇଲା ଉତ୍ପାଦନ ହେବ I
- ବର୍ତମାନ କୋଇଲା ଓ ଏହାର ଆନୁସାଙ୍ଗିକ ଶିଳ୍ପରେ 168000 ଲୋକ ନିଯୁକ୍ତ ଓ ଏହା ମଧ୍ଯରୁ 69% ଇନଫର୍ମାଲ l
- ଆଗାମୀ ଦୁଇ ଦଶନ୍ଧି ପାଇଁ ଜିଲ୍ଲାର ଅର୍ଥନୀତିରେ କୋଇଲା ମୁଖ୍ୟ ଭୂମିକା ଗ୍ରହଣ କରିବ l ତେବେ 2040 ପରବର୍ତ୍ତି କୋଇଲା ଖଣି ବନ୍ଦ ହେବା ଆରମ୍ଭ ହେବ l ଅଧିକ ପୁରୁଣା ଓ ପରିବେଶ ସଂକ୍ରାନ୍ତିୟ ନୀତି ନିୟମ ପାଳନ କରିବାର ଅକ୍ଷମତା ପାଇଁ କୋଇଲା ଭିତିକ ତାପଜ ବିଦ୍ୟୁତ କେନ୍ଦ୍ର ଗୁଡିକ 2025 ପରଠାରୁ ବନ୍ଦ ହେବା ଆରମ୍ଭ ହେବ l
- ତେଣୁ ନିଯୁକ୍ତି ଓ ଆୟ ଏବଂ ସରକାରୀ ରାଜସ୍ୱ ପାଇଁ ଯଥାଶୀଘ୍ର " ଜଷ୍ଟ ଟ୍ରାଞ୍ଜିଶନ ପ୍ଲାନ "ର ଆବଶ୍ୟକତା ଜରୁରୀ l ଆମର ଷ୍ଟଡି ରିପୋର୍ଟ,କୋଲ ଟ୍ରାଞ୍ଜିଶନ ସହ ଏକ ସବୁଜ ଶିଳ୍ପାୟନକୁ ଗୁରୁତ୍ଵ ଦେଉଛି l
- ଅନୁଗୋଳ -ତାଳଚେର ଏକ କ୍ରିଟିକାଲ ପୋଲୁଟେଡ଼ ଅଞ୍ଚଳ ହୋଇଥିବାରୁ ଏହାର ନୂତନ ଅର୍ଥନୀତି କଥା ଚିନ୍ତା କଲାବେଳେ ପରିବେଶ ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ କୁ ଗୁରୁତ୍ଵ ଦେବାକୁ ହେବ l
- ଅନୁଗୋଳ ର ଜଷ୍ଟ ଏନର୍ଜି ଟ୍ରାଞ୍ଜିସନ ଓ ସବୁଜ ଅର୍ଥନୀତି ର ବିକାଶକୁ ସହଯୋଗ କରିବାକୁ ଏକ ରାଜ୍ୟ ସ୍ତରୀୟ ଜଷ୍ଟ ଟ୍ରାଞ୍ଜିସନ ପଲିସିର ଆବଶ୍ୟକତା ଅଛି l

---------------------------

ଭୁବନେଶ୍ଵର,24-8-22

International Forum for Environment, Sustainability &Technology (iFOREST), ଅନୁଗୋଳ ର ଜଷ୍ଟ ଏନର୍ଜି ଟ୍ରାଞ୍ଜିସନ ଓ ସବୁଜ ଅର୍ଥନୀତି ଉପରେ ଏକ ରିପୋର୍ଟ ପ୍ରକାଶ କରିଛି l ଏହି କାର୍ଯକ୍ରମରେiFOREST ଦ୍ଵାରା ପ୍ରସ୍ତୁତ ଜଷ୍ଟ ଟ୍ରାଞ୍ଜିସନ
ସମ୍ପର୍କୀୟ ଦେଶର ପ୍ରଥମ ୱେବ ସାଇଟର ଲୋକାର୍ପଣ କରାଯାଇଛି l

ଅନୁଗୋଳରେ ଦେଶର 12% ତଥା ରାଜ୍ୟର 56% କୋଇଲା ଉତ୍ପାଦନ ହେଉଛି l ଅନୁଗୋଳରେ ବିଭିନ୍ନ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର, ଷ୍ଟିଲ ଓ ଆଲୁମିନିୟମ ଶିଳ୍ପ ଅଛି l ଏହି ସମସ୍ତ ଶିଳ୍ପ ଓ ଖଣି ଜିଲ୍ଲାର ସମୁଦାୟ GDP ର 61% ଅଟେ l

ବିଧାନସଭା ମାନ୍ୟବର ଉପ ବାଚସ୍ପତି ଶ୍ରୀ ରାଜନୀକାନ୍ତ ସିଂହ ଏହି ସମ୍ମିଳନୀ ରେ ଉଦବୋଧନ ଦେଇ, ଅନୁଗୋଳ ପରି ଏକ ପ୍ରଦୂଷିତ ଅଂଚଳରେ ସବୁଜ ଅର୍ଥନୀତି ସୃଷ୍ଟି ପାଇଁ ସରକାରୀ କଳ ସହ ସମ୍ପୃକ୍ତ ଖଣି ଓ ଶିଳ୍ପ ସଂସ୍ଥା ଗୁଡିକ ସହଯୋଗ ର ହାତ ବଢ଼ାଇବାକୁ ଆହ୍ଵାନ ଜଣାଇଥିଲେ l ତାଳଚେର ବିଧାୟକ ଶ୍ରୀ ବ୍ରଜ କିଶୋର ପ୍ରଧାନ, ଏମ. ସି. ଏଲ ର ଓଭର ବଡ଼ନ ପରିଚାଳନା ଉପରେ ଗୁରୁତ୍ଵ ଦେଇଥିଲେ l
ଶ୍ରୀ ପ୍ରଧାନ, ପ୍ରଦୂଷଣ ନିୟନ୍ତ୍ରଣ ସହ ସୁସ୍ଥ ଜୀବନ ଓ ଜୀବିକା ପାଇଁ ତୃଣମୂଳ ସ୍ତରରେ ଯୋଜନା ପ୍ରସ୍ତୁତ ଉପରେ ଗୁରୁତ୍ଵ ଆରୋପ କରିଥିଲେ l

ଅନୁଗୋଳ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଛେଣ୍ଡିପଦାରେ ଅନେକ ନୂତନ କୋଇଲା ଖଣି ହେବାକୁ ଯାଉଥିବାରୁ, ପରିବେଶ ନିୟନ୍ତ୍ରଣ ଗୁରୁତ୍ୱପୂର୍ଣ ପ୍ରସଙ୍ଗ ହୋଇପଡିଛି  ବୋଲି କହିଥିଲେ l ଅନୁଗୋଳରେ ଯଦିଓ କୋଇଲା ଖଣି ବିସ୍ତାରିତ ହେଉଛି, ତଥାପି ଜଷ୍ଟ  ଟ୍ରାଞ୍ଜିସନ ଯୋଜନା ବର୍ତମାନଠାରୁ ଆରମ୍ଭ  ହେବା ଦରକାର ବୋଲି ସେ କହିଥିଲେ l
ଏହି ସମ୍ମିଳନୀ ରେ ବିଶିଷ୍ଟ ସମାଜସେବୀ ଶ୍ରୀ ଜଗଦାନନ୍ଦ ଙ୍କ ସମେତ ପ୍ରମୁଖ ସରକାରୀ ଅଧିକାରୀ, ଲୋକ ପ୍ରତିନିଧି, ଶିକ୍ଷ ସଂସ୍ଥା ଅଧିକାରୀ ଓ ଶ୍ରମିକ ସଂଗଠନ  କର୍ମକର୍ତା ଯୋଗ ଦେଇଥିଲେ l

ଏହି ସମ୍ମିଳନୀ ରେ ଭାସଣ ଦେଇ iFOREST ର ଅଧ୍ୟକ୍ଷ ତଥା  CEO ଚନ୍ଦ୍ର ଭୂଷଣ କହିଛନ୍ତି  ଯେ, "  ଅନୁଗୋଳ ରେ ସବୁଜ ଶକ୍ତି ଓ ଭବିଷ୍ୟତ  ଅର୍ଥନୀତି ପାଇଁ ଆବଶ୍ୟକୀୟ କାର୍ଯକ୍ରମ ସମ୍ପର୍କରେ ଏହି ରିପୋର୍ଟ ଗୁରୁତ୍ୱ ଦେଇଛି l ଆଗାମୀ 10-15 ବର୍ଷ ପାଇଁ, କୋଇଲା,ଅନୁଗୋଳର ଅର୍ଥନୀତିକୁ ପ୍ରଭାବିତ କରିବ l ଏହି ପରିପ୍ରେକ୍ଷୀରେ ଜଳବାୟୁ ପରିବର୍ତନ ର ମୁକାବିଲା ପାଇଁ ଜଷ୍ଟ ଏନର୍ଜି ଟ୍ରାଞ୍ଜିସନ ଯୋଜନା  ପ୍ରସ୍ତୁତି ଜରୁରୀ l ତେଣୁ ଆମେ ଆଗାମୀ ତିନି ଦଶନ୍ଧି ପାଇଁ ଦିର୍ଘ ମିଆଦି  ଜଷ୍ଟ ଟ୍ରାଞ୍ଜିସନ ଯୋଜନା ପ୍ରସ୍ତୁତ କରିଛୁ l ଏହାଦ୍ୱାରା କ୍ରମନ୍ୱୟରେ କୋଇଲା ଖଣି ଓ ତାପଜ ବିଦ୍ୟୁତ କେନ୍ଦ୍ର ଗୁଡିକୁ ବନ୍ଦ ହେବାରେ ସାହାଯ୍ୟ କରିବା  ସଂଗେ ସଂଗେ ସବୁଜ ଅର୍ଥନୀତି, ଗୁଣାତ୍ମକ ନିଯୁକ୍ତି ସୁଯୋଗ ଓ ସୁସ୍ଥ ପରିବେଶ ସୃଷ୍ଟି କରିବ l  ଏହା ମଧ ଓଡିଶା ର ଜଳବାୟୁ  ପରିବର୍ତନ କାର୍ଯ୍ୟକ୍ରମକୁ ସହଯୋଗ  କରିବ l "

ଏହି ସମ୍ମିଳନୀ ରେ ଯୋଗଦେଇ iFOREST ଜଷ୍ଟ ଟ୍ରାଞ୍ଜିସନ ସେଣ୍ଟର ର ନିର୍ଦେସିକା ଶ୍ରେଷ୍ଠା ବାନାର୍ଜୀ କହିଛନ୍ତିଯେ, " ଅନୁଗୋଳ,ବର୍ତମାନ ଜଷ୍ଟ ଏନର୍ଜି ଟ୍ରାଞ୍ଜିସନ ପାଇଁ ଯୋଜନା ଆରମ୍ଭ  କରିବା ଉଚିତ, କାରଣ ଏକ ସବୁଜ ଅର୍ଥନୀତି ତିଆରି ପାଇଁ ଦୁଇ ତିନି ଦଶନ୍ଧି ଲାଗିବ l ଓଡିଶା, ସବୁଜ ଅର୍ଥନୀତିର ମେରୁଦଣ୍ଡ  ନିର୍ମାଣ ପାଇଁ ଶସ୍ତା କୋଇଲା ବ୍ୟବହାର କରିବା ଉଚିତ ଓ ଗ୍ରେ ହାଇଡ୍ରୋଜେନ, କୋଲ ଗ୍ୟାସଫିକେସନ ଏବଂ ବିଦ୍ୟୁତ ଯାନ ନିର୍ମାଣରେ ଏହାକୁ ବିନିଯୋଗ କରିବା ଦରକାର " l ଶ୍ରେଷ୍ଠା କହିଛନ୍ତି  ଯେ, " ବର୍ତମାନ 168000 ଶ୍ରମିକ,କୋଇଲା ଖଣି ଓ ଏହାର ଆନୁସାଙ୍ଗିକ ଶିଳ୍ପରେ କାମ କରୁଛନ୍ତି l ଆଗାମୀ 10 ବର୍ଷ ମଧ୍ୟରେ କୋଇଲା ଖଣି 3 ଗୁଣ ବଢିବାକୁ ଯାଉଥିବା ବେଳେ ଶ୍ରମିକ ସଂଖ୍ୟା 2 ଗୁଣ ବଢିବ ଓ ଏହା ମଧ୍ୟରୁ ଅନେକ ଠିକା ଶ୍ରମିକ ଏବଂ ଅଣଶଂଗଠିତ l ଏହି ପରିପ୍ରେକ୍ଷୀରେ ସେମାନଂକୁ ବୈଷୟିକ  ଜ୍ଞାନ କୌଶଳ ଯୋଗାଦେବା ଜରୁରୀ

" ସମ୍ମିଳନୀ ର ତିନୋଟି ପର୍ଯ୍ୟାୟରେ ଡିକାର୍ବୋନାଇଜେସନ, ନିଯୁକ୍ତି, ସାମାଜିକ ଭିତିଭୂମି,ପରିବେଶ ଓ ଜଳବାୟୁ  ପରିବର୍ତନ ସମ୍ପର୍କରେ ଆଲୋଚନା ହୋଇଛି l ସବୁଜ  ଶିଳ୍ପ ଓ
ଷଷ୍ଟେନେବଲ ଇନଭେଷ୍ଟମେଣ୍ଟ ସମ୍ପର୍କୀୟ ପାନେଲରେ MCL, NTPC ଓ ଟାଟା ମାଇନିଂ  ଷ୍ଟିଲ ର ଅଧିକାରୀଙ୍କ ସମେତ ଲୋକ ପ୍ରତିନିଧି, ଶ୍ରମିକ ସଂଗଠନ ର କର୍ମକର୍ତା ଏବଂ ସାମାଜିକ କର୍ମୀ ମାନେ ଯୋଗ ଦେଇଥିଲେ l
ବିଭିନ୍ନ ପରିବେଶ ପ୍ରସଙ୍ଗ ଓ ନୀତି ନିୟମରେ ଅଭାବ ଥିବାରୁ ଏହାକୁ ଟ୍ରାଞ୍ଜିଶନ ପ୍ଲାନିଙ୍ଗରେ ଅଣା ଯିବାକୁ  ଆଲୋଚନା ହେବା ଉଚିତ ବୋଲି OSPCB ର ମୁଖ୍ୟ ଏନଭର୍ନମେଣ୍ଟ ଇଞ୍ଜିନିଅର ନିହାର ସାହୁ ମତ ପ୍ରକାଶ କରିଥିଲେ l

ଶ୍ରୀ ଚନ୍ଦ୍ର ଭୂଷଣ କହିଛନ୍ତିଯେ, "ଓଡିଶା,ଜଳବାୟୁ  ପରିବର୍ତନ କାର୍ଯ୍ୟକ୍ରମରେ ଦିଗଦର୍ଶନ ଦେଇଥିବାରୁ, ଏହା ଜଷ୍ଟ ଏନର୍ଜି ଟ୍ରାଞ୍ଜିସନର ମଧ ନେତୃତ୍ୱ ନେଇପାରିବ l

ମୁଖ୍ୟ ସୁପାରୀଶ
------------------
1- ଆଗାମୀ 10ବର୍ଷରେ 2033 ସୁଦ୍ଧା କୋଇଲା ଉତ୍ପାଦନ  3 ଗୁଣ ଅର୍ଥାତ  96.7MMT ରୁ 308.8 MMT କୁ ବୃଦ୍ଧି ପାଇବ l 2040ମସିହାରୁ  ଖଣି ବନ୍ଦ ଆରମ୍ଭ ହେବ ଓ 2070 ରେ ଶେଷ ଖଣି  ବନ୍ଦ  ହେବ l ତେବେ 1.5ଡିଗ୍ରୀ ସେଲସିୟସ କ୍ଲାଇମେଟ ଗୋଲ ପୂରଣ ପାଇଁ 2050 ସୁଦ୍ଧା କୋଇଲା ଖଣି  ବନ୍ଦ  ହେବା  ଦରକାର l
2-  35 ବର୍ଷ ପୁରୁଣା ହେବା ଯୋଗୁଁ, 2050 ମସିହା ଶୁଦ୍ଧା ଥର୍ମାଲ ପ୍ଲାଣ୍ଟ ଗୁଡିକ ବନ୍ଦ ହୋଇଯିବ l
3- ଆଗାମୀ ତିନି ଦଶନ୍ଧି  ପାଇଁ ସବୁଜ ଅର୍ଥନୀତି କୁ ପରିବର୍ତନ  ହେବା ଅନୁଗୋଳ ର ଜଷ୍ଟ  ଟ୍ରାଞ୍ଜିସନ ଯୋଜନାର ପ୍ରମୁଖ ଅଂଶ l

4- ଆଗାମୀ 10-15 ବର୍ଷ ପାଇଁ କୋଇଲା ବ୍ୟବହାର ରେ ପରିବେଷ ଓ ସବୁଜ ଅର୍ଥନୀତିକୁ ଗୁରୁତ୍ୱ ଦିଆଯିବା ଦରକାର l
2035 ପରେ , RE ଅଭିବୃଦ୍ଧି ସହ ସବୁଜ ଶକ୍ତି ଉପରେ ଗୁରୁତ୍ୱ ଦିଆଯିବା ଦରକାର l

5- ଖଣି ଓ ପାୱାର ପ୍ଲାଣ୍ଟ ବନ୍ଦ ଯୋଗୁଁ ଆଗାମୀ 3-4 ଦଶନ୍ଧି ରେ 33,000 ହେକ୍ଟର ଜମି ମିଳିବ l ଏହାକୁ ପରିବେଶ ଓ ସବୁଜ ଅର୍ଥନୀତି ପାଇଁ ବିନିଯୋଗ କରାଯାଇ ପାରିବ l

6- ସବୁଜ ଶିଳ୍ପ ବିକାଶ ଓ RE କ୍ଷେତ୍ର ପାଇଁ ବିପୁଳ ପରିମାଣ ର କୁଶଳୀ କର୍ମଚାରୀ ଦରକାର l ସେଥିପାଇଁ ଆବଶ୍ୟକୀୟ ଭୋକେସନାଲ ଟ୍ରେନିଂ ସେଣ୍ଟର ଖୋଲା ଯିବା ଦରକାର l

7- ଅନୁଗୋଳ -ତାଳଚେର ପରି ଏକ ସଂକଟାପର୍ଣ୍ଣ ଅଂଚଳରେ,ଜମି ଓ ଜଳ ଉତ୍ସର ପରିବେଶଗତ ଉପଚାର ଜରୁରୀ l

8- ଜଷ୍ଟ ଟ୍ରାଞ୍ଜିଶନ କାର୍ଯକାରୀ ପାଇଁ ବିପୁଳ ଅର୍ଥ ର ଆବଶ୍ୟକତା ଅଛି l ଏଥିପାଇଁ ବିଭିନ୍ନ ବାବଦରେ କୋଇଲାରୁ ମିଳୁଥିବା ଅର୍ଥ, ସରକାରୀ ସହଯୋଗ, ଘରୋଇ ଫାଇନାନସିଂ ଓ ଆନ୍ତର୍ଜାତୀୟ ସହଯୋଗର ଆବଶ୍ୟକତା ଅଛି l

9- ଜଷ୍ଟ ଟ୍ରାଞ୍ଜିଶନ ପାଇଁ ସମ୍ମିଳିତ ଯୋଜନାର ଆବଶ୍ୟକତା ଅଛି l କୋଲ ଟ୍ରାଞ୍ଜିଶନ ର ସାମାଜିକ ଗ୍ରହଣୀୟତା ଏବଂ ନୂତନ ଅର୍ଥନୀତି ରେ ଲୋକମାନଙ୍କୁ ମିଳିବା ସୁବିଧା ସୁଯୋଗ ସମ୍ପର୍କରେ ସେମାନେ ଠିକ ଭାବେ ବୁଝିବା ଦରକାର l

10- ମୁଖ୍ୟତଃ ତିନୋଟି ରାଜ୍ୟ ସ୍ତରୀୟ ପଲିସି ଆକ୍ସନର ଆବଶ୍ୟକତା ଅଛି l ପ୍ରଥମତଃ, କ୍ଲାଇମେଟ ଆକ୍ସନ ପ୍ଲାନ ର ଅଭିବୃଦ୍ଧି ପାଇଁ ଓ GHG ଏମିଶନ ହ୍ରାସ କରିବାକୁ, ଓଡିଶା କ୍ଲାଇମେଟ ଆକ୍ସନ ପ୍ଲାନରେ ଜଷ୍ଟ ଟ୍ରାଞ୍ଜିଶନ ବ୍ୟବସ୍ଥା କୁ ରଖିବାକୁ ହେବ l ଦ୍ୱିତୀୟତଃ ଏକ ସମ୍ମିଳିତ RE ଓ ସବୁଜ ଶିଳ୍ପ ଯୋଜନା ପ୍ରସ୍ତୁତ କରାଯିବା ଦରକାର l ତୃତୀୟତଃ ଏକ ରାଜ୍ୟ ସ୍ତରୀୟ ଜଷ୍ଟ ଟ୍ରାଞ୍ଜିଶନ ପଲିସିର ଆବଶ୍ୟକତା ଅଛି l